# ଅଷ୍ଟମ ଦିନରେ ଆଦିବାସୀ ମେଳା

# ରାଜଧାନୀରେ ଜନଜାତି ଶିଳ୍ପକଳାର ନିଖୁଣ ସ୍ୱାକ୍ଷର

ଭୁବନେଶ୍ୱର, ୦୨/୦୨/ ୨୦୨୧- ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀ ସଂପ୍ରଦାୟ ଦାରିଦ୍ର୍ୟ ଓ ଶୋଷଣରୁ ମୁକ୍ତ ହୋଇ ପ୍ରଗତିର ସ୍ରୋତରେ ସାମିଲ ହେବା ପାଇଁ ଆଜି ସଂଗ୍ରାମରତ । ଏଥିପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଫଳତାକୁ ହାତେଇବା ପାଇଁ ସେମାନେ ହୋଇ ଉଠିଛନ୍ତି ବ୍ୟଗ୍ର । ଏହାରି ଭିତରେ କିନ୍ତୁ ହଜିଯାଇନି ଶାନ୍ତ, ନିରୀହ ଆଦିବାସୀ ସଂପ୍ରଦାୟର କଳାପ୍ରାଣତା କିମ୍ବା ଲିଭିଯାଇନି ସେମାନଙ୍କର ପାରମ୍ପରିକ ଚିତ୍ରକଳା ଓ ହସ୍ତଶିଳ୍ପର ନିଖୁଣ ସ୍ୱାକ୍ଷର । ରାଜଧାନୀର ଆଦିବାସୀ ମେଳା ପରିସରରେ ଖୋଲା ଯାଇଥିବା କେତୋଟି ସୁଦୃଶ୍ୟ ଷ୍ଟଲରେ ରାଜ୍ୟର ଆଦିବାସୀ ବହୁଳ ଅଂଚଳର ଚିତ୍ରକଳା, ହସ୍ତକଳା ଓ ହସ୍ତଶିଳ୍ପ ଜାତ ସାମଗ୍ରୀର ପ୍ରଦର୍ଶନ କରାଯାଇଛି । କେତେକ ଷ୍ଟଲରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ଭାସ୍କର୍ଯ୍ୟ ଏପରି ମନଲୋଭା ହୋଇଛି ଯେ, ଦର୍ଶକମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ସେ ସବୁ କ୍ରୟ କରିବା ପାଇଁ ଆଗେଇ ଆସିବା ସଙ୍ଗେ ସଙ୍ଗେ ସଂପୃକ୍ତ ଶିଳ୍ପୀଙ୍କ ସହ କିଛି ମୁହୂର୍ତ୍ତ ଭାବର ଆଦାନ ପ୍ରଦାନ କରିବାକୁ ପଛାଉ ନାହାଁନ୍ତି । ସଂପୃକ୍ତ ଜିଲ୍ଲାର ଆଇ.ଟି.ଡି.ଏ. ସହାୟତାରେ ରାଜଧାନୀକୁ ଆସି ନିଜର ଉତ୍ପାଦିତ ସାମଗ୍ରୀର ପସରା ମେଲାଇବାକୁ ସୁଯୋଗ ପାଇଛନ୍ତି ଆଦିବାସୀ ଶିଳ୍ପୀ ଓ କାରିଗର । ଜଣେ କୁଟିଆ କନ୍ଧ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ କାଠ ପାନିଆ ଓ ବଂଶୀ ହେଉ କିମ୍ବା ସଉରା ଶିଳ୍ପୀଙ୍କ ଦ୍ୱାରା ବାଉଁଶରେ ନିର୍ମିତ କେନ୍ଦରା ଶିଳ୍ପକଳା ହେଉ, ସବୁଥିରେ ଫୁଟି ଉଠିଛି ଆଦିବାସୀ ଶିଳ୍ପୀଙ୍କ ଅପୂର୍ବ କଳା ନୈପୂଣ୍ୟ । ମେଳାର ଗୋଟିଏ ଷ୍ଟଲରେ ପ୍ରଦର୍ଶିତ କାଠକାମ, ଅଙ୍କନ ଓ ଅନ୍ୟ ଉପକରଣ ଆଦିବାସୀ ସଂପ୍ରଦାୟର ପ୍ରାଚୀନ ଐତିହ୍ୟ ଓ ହସ୍ତକଳାର ନିଖୁଣତାକୁ ସୁନ୍ଦର ଭାବରେ ପ୍ରତିଫଳିତ କରୁଛି । ବିଭିନ୍ନ ଷ୍ଟଲରେ ଆଦିବାସୀ ଶିଳ୍ପୀଙ୍କ ଅଙ୍କନ, ଟେରାକୋଟା ସାମଗ୍ରୀ, ବାଉଁଶ ଓ ଲୌହ ଶିଳ୍ପକଳା ଆଦିର ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହୋଇପାରିଛି । ଆଦିବାସୀ ସଂପ୍ରଦାୟର ତରୁଣ ଶିଳ୍ପୀମାନେ କାନ୍‌ଭାସ ଉପରେ ଚିତ୍ର ଆଙ୍କିବାରେ ନିଜକୁ ନିମଗ୍ନ କରି ରଖିଥିବାର ଦୃଶ୍ୟ ମଧ୍ୟ କେତେକ ମଣ୍ଡପରେ ଦେଖିବାକୁ ମିଳୁଛି । ଆଦିବାସୀ ମାନଙ୍କର ଗହଣା ସାମଗ୍ରୀ, ଟସର ଖୋସାରୁ ମଠା, ଶାଢ଼ୀ ପ୍ରସ୍ତୁତ ପ୍ରଣାଳୀ ମଧ୍ୟ କେତେକ ଷ୍ଟଲରେ ପ୍ରଦର୍ଶିତ ହେଉଛି । ମୋଟ୍ ଉପରେ ସମୟର ଘାତ ପ୍ରତିଘାତକୁ ଅତିକ୍ରମ କରି ଜନଜାତି ଚିତ୍ରକଳା ଓ ହସ୍ତଶିଳ୍ପ ଆଜି ଯେଉଁ ସୋପାନରେ ପହଁଚିପାରିଛି, ତାହାର ନିଛକ ଝଲକ୍ ଆଦିବାସୀ ମେଳାରେ ପ୍ରଦର୍ଶିତ ହେଉଛି ।

ଆଜି ମେଳାର ଅଷ୍ଟମ ଦିବସରେ ବିଭିନ୍ନ ଷ୍ଟଲରେ ଦର୍ଶକଙ୍କ ଗହଳି ଲକ୍ଷ୍ୟ କରାଯାଇଥିଲା । ଲୋକେ ପ୍ରବେଶ ପାଇଁ ରେଜିଷ୍ଟ୍ରେସନ କରିବାକୁ ଧାଡ଼ିବାନ୍ଧି ଠିଆ ହୋଇଥିଲେ । ବହୁ ଦର୍ଶକ ବିକ୍ରିବଟାର ମଜା ଉଠାଇ ଚାଲିଥିଲେ ।

***